RNI No.ODIODI/2010/33031

୧୬ ବର୍ଷ | Volume- 16

ISSUE -172 | ସଂଖ୍ୟା-୧୭୨

ଭୁବନେଶ୍ୱର, ଶୁକ୍ରବାର, ୧୯ ସେପ୍ଟେମ୍ବର ୨୦୨୫

Bhubaneswar, Friday, 19 September, 2025

୦୮ ପୃଷ୍ଠା | Pages-08

ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00

www.odishamanthan.com

MANTHAN

ମନ୍ଥନ

www.odishamanthan.com RNI No. ORIORI/2010/33031

ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର




# ବିଧାନସଭାରେ କଂଗ୍ରେସର ଅନାସ୍ଥା ପ୍ରସ୍ତାବ

**ଭୁବନେଶ୍ୱର,**୧୮।୯(ନି.ପ୍ର.): ରାଜ୍ୟ ବିଧାନସଭାର ସ୍ୱଳ୍ପକାଳୀନ ମୌସୁମୀ ଅଧିବେଶନ ଆଜିଠାରୁ ଆରମ୍ଭ ହୋଇଛି। ଅଧିବେଶନର ପ୍ରଥମ ଦିନରୁ ହିଁ କଂଗ୍ରେସ ଦଳ ପକ୍ଷରୁ ରାଜ୍ୟ ସରକାରଙ୍କ ବିରୋଧରେ ପ୍ରଥମ କରି ଅନାସ୍ଥା ପ୍ରସ୍ତାବ ଆଗତ କରାଯାଇଛି। ଯଦିଓ ସଂଖ୍ୟା ଦୃଷ୍ଟିରୁ ଏଭଳି ଅନାସ୍ଥା ପ୍ରସ୍ତାବ ବିଧାନସଭାରେ କାଟ୍ ଖାଇବାର ଯଥେଷ୍ଟ ସମ୍ଭାବନା ରହିଛି ଓ ସରକାରୀ ଦଳର ବିଜୟ ସୁନିଶ୍ଚିତ ବୋଲି କଂଗ୍ରେସ ଦଳ ଜାଣିଛି। ତଥାପି ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି, ସାର ଅଭାବ, ମହିଳାଙ୍କ ଉପରେ ନିର୍ଯାତନା ଘଟଣାକୁ ପ୍ରସଙ୍ଗ କରି କଂଗ୍ରେସ ଏହି ମୁଲତବୀ ପ୍ରସ୍ତାବ ଆଣିଛି। ବିଧାନସଭାର ସର୍ବବୃହତ୍ତମ ବିରୋଧୀ ଦଳ ବିଜେଡି ଏହି ଅନାସ୍ଥା ପ୍ରସ୍ତାବକୁ ସମର୍ଥନ କରିବ କି ନାହିଁ ତାହା ସ୍ପଷ୍ଟ କରିନାହିଁ। ଆଜି କଂଗ୍ରେସ ତାର ୧୪ ଜଣ ଓ ଜଣେ କମ୍ୟୁନିଷ୍ଟ ସଦସ୍ୟଙ୍କୁ ନେଇ ଅନାସ୍ଥା ପ୍ରସ୍ତାବ ନୋଟିସ ବାଚସ୍ପତିଙ୍କୁ ଦେଇଛି। ଆସନ୍ତାକାଲି ହୁଏତ ଏ ସଂପର୍କରେ ଆଲୋଚନା କରିବା ପାଇଁ କଂଗ୍ରେସ ଦଳ ବିଧାନସଭାରେ ଦାବି କରିବାର ସମ୍ଭାବନା ରହିଛି।

ଅନାସ୍ଥା ପ୍ରସ୍ତାବର ଫଳାଫଳ ଯେ, ସରକାରଙ୍କ ସପକ୍ଷରେ ଯିବ ଏ କଥା ଜାଣି ମଧ୍ୟ କଂଗ୍ରେସ ବିଧାନସଭାରେ ସର୍ବବୃହତମ ଦଳ ବିଜେଡିର ଆଭିମୁଖ୍ୟ, ବିଜେଡି ସରକାର ସହିତ ଗୁପ୍ତ ବୁଝାମଣାକୁ ପଦାରେ ପକାଇବା ପାଇଁ ଏଭଳି ପଦକ୍ଷେପ ନେଇଛି ବୋଲି କୁହାଯାଉଛି। କଂଗ୍ରେସ ଏହି ପରିପ୍ରେକ୍ଷୀରେ କହିଛି ଯେ, ଯେତେବେଳେ ବିଜେଡି ସରକାରଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଣିବ ବୋଲି କହୁଥିଲା ଆମେ ସେଥିରେ ସମର୍ଥନ କରିବୁ ବୋଲି ପ୍ରତିଶ୍ରୁତି ଦେଇଥିଲୁ। ବର୍ତ୍ତମାନ ଆମେ ଯେହେତୁ ଅନାସ୍ଥା ପ୍ରସ୍ତାବ ଆଣିଛୁ ବିଜେଡି ସେହି ଅନୁଯାୟୀ ଆମ ପ୍ରସ୍ତାବକୁ ସମର୍ଥନ କରିବା ଉଚିତ୍। କିନ୍ତୁ ବିଜେଡିର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ସ୍ପଷ୍ଟ କରିଛନ୍ତି ଯେ, ଆମେ ଅନାସ୍ଥା ପ୍ରସ୍ତାବକୁ ସମର୍ଥନ କରିବୁ କି ନାହିଁ ତାହା ଏ ପର୍ଯ୍ୟନ୍ତ ସ୍ଥିର ହୋଇନାହିଁ। ଦ୍ୱିତୀୟ କଥା ହେଉଛି ବାଚସ୍ପତି ଏହି ପ୍ରସ୍ତାବକୁ ଗୃହରେ ଆଲୋଚନା କରିବା ପାଇଁ ଅନୁମତି ଦେଉଛନ୍ତି କି ନାହିଁ ତାହା ମଧ୍ୟ ଏକ ପ୍ରଶ୍ନ। ତେଣୁ ବାଚସ୍ପତିଙ୍କ ନିଷ୍ପତ୍ତିକୁ ନେଇ ବିଜେଡି ତା'ର ନିଷ୍ପତ୍ତିକୁ ଘୋଷଣା କରିବ ବୋଲି ଶ୍ରୀମତୀ ମଲ୍ଲିକ କହିଛନ୍ତି। ଅନାସ୍ଥା ପ୍ରସ୍ତାବ ପ୍ରସଙ୍ଗରେ ବିଜେପି କଂଗ୍ରେସକୁ କଡ଼ା ସମାଲୋଚନା କରିଛି ବିଜେପି। ବିଧାୟକ ବାବୁ ସିଂ ସେ କହିଛନ୍ତି, ଅନାସ୍ଥା ଆଣି କଂଗ୍ରେସ ଲୋକହସା ହେବ। ବିଧାନସଭାରେ ଆବଶ୍ୟକ ସଂଖ୍ୟା ନଥାଇ ଅନାସ୍ଥା ଆଣିବା କେବଳ ଗଣମାଧ୍ୟମରେ ଚର୍ଚ୍ଚାରେ ରହିବାକୁ କଂଗ୍ରେସର ଏକ ଷ୍ଟଣ୍ଟ ବୋଲି ସେ କହିଛନ୍ତି। କଂଗ୍ରେସ ଅନାସ୍ଥା ଆଣିବା ଘଟଣାକୁ ନେଇ ସେ କହିଛନ୍ତି ଜଗତେ କେବଳ ଜନେ ହସିବେ। ଓ୍ୱାନ ଟେନ୍‌ସଂଖ୍ୟା ଥାଇ ଅନାସ୍ଥା ଆଣିବା ଚାଇନା ସହ ଶ୍ରୀଲଙ୍କା ଏବଂ ଭାରତ ସହ ବାଂଲାଦେଶ ସହ ଯୁଦ୍ଧ ହେବା ଭଳି କଥା ଅନାସ୍ଥା ପ୍ରସ୍ତାବ। ସରକାରଙ୍କ ଉପରେ କୌଣସି ପ୍ରଭାବ ପଡିବ ନାହିଁ।ତାପରେ ବି ଯଦି କଂଗ୍ରେସ ଅନାସ୍ଥା ପ୍ରସ୍ତାବ ଆଣିବ ତେବେ କେବଳ ନିଜେ ହିଁ ଲୋକ ହସା ହେବା ଛଡ଼ା ଆଉ କିଛି ହେବ ନାହିଁ ବୋଲି ବାବୁ ସିଂ କହିଛନ୍ତି।।

ବରିଷ୍ଠ ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ, ରାଜ୍ୟରେ ସାର ସମସ୍ୟାକୁ ପ୍ରସଙ୍ଗ କରି ବିଜୁ ଜନତା ଦଳ (ବିଜେଡି) ବିଧାନସଭାରେ ସରକାରଙ୍କୁ ଘେରିବାକୁ ଯୋଜନା କରିଛି। ମେସୁମୀ ଅଧିବେଶନରେ ବିଜେଡି ନାରୀ ନିର୍ଯାତନା ଓ ଆଇନ ଶୃଙ୍ଖଳା ପରିସ୍ଥିତି ପ୍ରସଙ୍ଗ ଉଠାଇବ। ଅନାସ୍ଥା ପ୍ରସଙ୍ଗରେ ଶ୍ରୀ ଆଚାର୍ଯ୍ୟ କହିଛନ୍ତି, କୌଣସି ଆଲୋଚନା ହୋଇନି। ଆମେ ଗଣମାଧ୍ୟମରୁ ଜାଣିଲୁ କଂଗ୍ରେସ ଅନାସ୍ଥା ପ୍ରସାବ ଆଣିଛି। ଏହି ପ୍ରସ୍ତାବକୁ ବାଚସ୍ପତି କେବେ ଗ୍ରହଣ କରିବେ ଜଣାନାହିଁ। ତେଣୁ ଆଗୁଆ ନିଷ୍ପତ୍ତି ନେବା ଠିକ ନୁହଁ।ଅନାସ୍ଥା ସମ୍ପର୍କରେ ଦଳ ଠିକ ସମୟରେ ନିଷ୍ପତ୍ତି ନେବ। ପ୍ରଥମେ ବାଚସ୍ପତି ଗ୍ରହଣ କରନ୍ତୁ। ନଈ ନଦେଖୁଣୁ ଲଙ୍ଗଳା ହେବା ଉଚିତ ନୁହଁ।ବିଜୁ ଜନତା ଦଳ ଏକ ବୃହତ୍ତର ବିରୋଧୀ ଦଳ ଓ ସ୍ୱାଧୀନ ଦଳ ତେଣୁ ଦଳ ନିଜେ ତାର ନିଷ୍ପତ୍ତି ନେବ। ମୌସୁମୀ ଅଧିବେସନର ଆରମ୍ଭରେ ଗୁରୁବାର ଦିବଂଗତ ନେତାଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ ଶୋକ ପ୍ରସ୍ତାବ ଆଗତ କରିଥିଲେ।



## ମୋଦୀଙ୍କ ପ୍ରଶଂସା କଲେ ଟ୍ରମ୍ପ

ଓ୍ୱାସିଂଟନ,୧୮।୯: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣିଥରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରଶଂସା କରିଛନ୍ତି ଏବଂ ନିଜକୁ ଭାରତର ବହୁତ ନିକଟତର ବୋଲି କହିଛନ୍ତି। ବ୍ରିଟିଶ ପ୍ରଧାନମନ୍ତ୍ରୀ କୀର ଷ୍ଟାରମରଙ୍କ ସହ ଏକ ସାମ୍ବାଦିକ ସମ୍ମିଳନୀରେ ଭାରତ ବିଷୟରେ ପଚରାଯିବାରୁ ଟ୍ରମ୍ପ କହିଥିଲେ, ମୁଁ ଭାରତର ବହୁତ ନିକଟତର, ମୁଁ ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ବହୁତ ନିକଟତର। ମୁଁ ଗତକାଲି ତାଙ୍କ ସହ କଥା ହୋଇଥିଲି।ମୁଁ ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲି ଆମର ବହୁତ ଭଲ ସମ୍ପର୍କ ଅଛି।

ଟ୍ରମ୍ପଙ୍କ ବକ୍ତବ୍ୟ ପୁଣି ଥରେ ଭାରତ-ଆମେରିକା ସମ୍ପର୍କର ସ୍ଥାୟିତ୍ୱ ଏବଂ ମୋଦୀଙ୍କ ସହ ତାଙ୍କର ବ୍ୟକ୍ତିଗତ ସମ୍ପର୍କକୁ ଏକ ସକାରାତ୍ମକ ଦିଗକୁ ମୋଡ଼ିଛି। ଶୁଳ୍କ ବିବାଦ ପରେ ଏହା ଚତୁର୍ଥ ଥର ପାଇଁ ଟ୍ରମ୍ପ ଭାରତ ଏବଂ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିଷୟରେ ଉଚ୍ଚ ପ୍ରଶଂସା କରିଛନ୍ତି। ରୁଷ-ୟୁକ୍ରେନ ଯୁଦ୍ଧ ଉପରେ ମଧ ଟ୍ରମ୍ପ ଏକ ବୟାନ ଦେଇଛନ୍ତି। ସେ କହିଛନ୍ତି ଯେ ପୁଟିନ (ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ)ଙ୍କ ସହ ତାଙ୍କର ବହୁତ ଦିନ ଧରି ଭଲ ସମ୍ପର୍କ ଥିଲା, ଏହି କାରଣରୁ ଯୁଦ୍ଧ ବନ୍ଦ କରିବା ଏକ ସହଜ କାମ ବୋଲି ସେ ଭାବୁଥିଲେ। କିନ୍ତୁ ପୁଟିନ ତାଙ୍କୁ ନିରାଶ କରିଛନ୍ତି ଓ ଭରସା ଭାଙ୍ଗିଛନ୍ତି ।

# ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ଓଡ଼ିଶାରେ ଲାଗିଲା ରେକର୍ଡ ସଂଖ୍ୟକ ଗଛ

## ରାଜ୍ୟବାସୀଙ୍କୁ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ

## ମୋଦୀଜୀଙ୍କ ଦୂରଦୃଷ୍ଟି, ଦିଗ୍‌ଦର୍ଶନ, ନେତୃତ୍ୱ, କାର୍ଯ୍ୟଶୈଳୀ ସବୁଠାରୁ ଭିନ୍ନ ଓ ଅନନ୍ୟ : ମୋହନ

ଭୁବନେଶ୍ୱର,୧୮।୯(ନି.ପ୍ର: ନିଜର ଜନ୍ମଦାତୀ ମା'ଙ୍କ ସ୍ମୃତିରେ ଗଛଟିଏ ଲଗାନ୍ତୁ, ଏବଂ ସେହି ଗଛଟିକୁ ନିଜ ପରିବାରର ସଦସ୍ୟ ଭଳି ଦେଖାଶୁଣା କରନ୍ତୁ। ଗଛ ଯେପରି ଫୁଲ, ଫଳ ଧରି ଆପଣଙ୍କ ପରିଶ୍ରମକୁ ସାର୍ଥକ କରିବ। ଏହା ହେବ ଆମର ପ୍ରିୟ ପ୍ରଧାନମନ୍ତ୍ରୀଙ୍କୁ, ଧରିତ୍ରୀ ମାତାଙ୍କୁ ଓ ଆମର ଆଗାମୀ ପିଢ଼ିକୁ ଓଡିଶାବାସୀଙ୍କ ଶ୍ରେଷ୍ଠ ଉପହାର।

ବୁଧବାର ସ୍ଥାନୀୟ ଏକାମ୍ର କଲେଜ ପରିସରରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ୭୫ତମ ଜନ୍ମଦିନ ଅବସରରେ 'ଏକ୍ ପେଡ୍ ମା କେ ନାମ୍' ଅଭିଯାନର ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ ଗୋଟିଏ ଅଁଳା ଗଛ ଲଗାଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।





ସୂଚନାଯୋଗ୍ୟ ଯେ, ଆଜି ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଦିବସରେ ଗୋଟିଏ ଦିନରେ ସାରା ରାଜ୍ୟରେ ୭୫ ଲକ୍ଷ ଗଛ ଲଗାଯାଇଛି। ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ମଧ୍ୟରେ ଏହି ଲକ୍ଷ୍ୟ ହାସଲ କରିବାର ଲକ୍ଷ୍ୟ ରଖାଯାଇଥିଲେ ବେଳେ ଅପରାହ୍ନ ୧:୩୩ ସୁଦ୍ଧା ଏହି ଲକ୍ଷ୍ୟ ହାସଲ ହୋଇପାରିଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ସମସ୍ତ ସମ୍ପୃକ୍ତ ବିଭାଗ, କର୍ମଚାରୀ, ଛାତ୍ରଛାତ୍ରୀ, ଯୁବବର୍ଗ ଓ ସାଧାରଣ ଜନତାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ ତାଙ୍କୁ ଦେଶର ବିକାଶ ପୁରୁଷ ତଥା ବିଶ୍ୱର ଶ୍ରେଷ୍ଠ ଲୋକପ୍ରିୟ ନେତା ଭାବେ ବର୍ଣ୍ଣନା କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କର ଦୀର୍ଘ ନିରାମୟ ଜୀବନ ପାଇଁ ପ୍ରାର୍ଥନା କରିଥିଲେ।

ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟଧାରା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ନରେନ୍ଦ୍ର ମୋଦୀ ହେଉଛନ୍ତି ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଯିଏକି ସ୍ୱାଧୀନତା ପରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କର ୫୫ ବର୍ଷର ରାଜନୈତିକ ଜୀବନରେ ସେ ସବୁବେଳେ ଦେଶ ମାତୃକାର ସେବା ବିଷୟରେ ହିଁ ଚିନ୍ତା କରିଆସିଛନ୍ତି। ତାଙ୍କର ସମ୍ପୂର୍ଣ୍ଣ ଜୀବନ ମା' ଭାରତୀ'ର ସେବାରେ ଉତ୍ସର୍ଗୀକୃତ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି, ଦିଗ୍ ?ଦର୍ଶନ, ନେତୃତ୍ୱ, କାର୍ଯ୍ୟଶୈଳୀ ସବୁଠାରୁ ଭିନ୍ନ ଓ ଅନନ୍ୟ ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କ ଜୀବନ ସବୁ ସମୟରେ 'ସେବା ଓ ସମର୍ପଣ' ପାଇଁ ବିଶ୍ୱବିଦିତ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପ୍ରଧାନମନ୍ତ୍ରୀ ସାରା ଦେଶ ବୁଲିଛନ୍ତି ଏବଂ ତୃଣମୂଳ ସ୍ତରରେ ଲୋକଙ୍କ ସମସ୍ୟା ବୁଝିଛନ୍ତି। ନିଜ ବ୍ୟକ୍ତିଗତ ଅନୁଭବରୁ ଲୋକଙ୍କ ସମସ୍ୟା ଜାଣି ତା'ର ସମାଧାନର ରାସ୍ତା ଖୋଜିଥାନ୍ତି ପ୍ରଧାନମନ୍ତ୍ରୀ। ଉଜ୍ଜ୍ୱଳା ଯୋଜନା ଜରିଆରେ ମା' ମାନଙ୍କ ରୋଷେଇ ଘରକୁ ଧୂଆଁରୁ ମୁକ୍ତ କରିବା ହେଉ, କିମ୍ବା ଜନଧନ ଯୋଜନାରେ ଗରିବ ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ହେଉ, ଅବା ଆୟୁଷ୍ମାନ ଭାରତ ଯୋଜନାରେ କୋଟି କୋଟି ଲୋକଙ୍କ ପାଇଁ ମାଗଣା ଚିକିତ୍ସା ସୁବିଧା ହେଉ, କିମ୍ବା ମାତୃବନ୍ଦନା ଯୋଜନାରେ ମା' ମାନଙ୍କୁ ସହାୟତା ପ୍ରଦାନ ହେଉ, କିମ୍ବା ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା ଜରିଆରେ କୃଷକଙ୍କ ପାଇଁ ସହାୟତା ପ୍ରଦାନ ହେଉ, ତାଙ୍କର ପ୍ରତ୍ୟେକ ନିଷ୍ପତ୍ତିରେ ସାଧାରଣ ଲୋକଙ୍କ ସମସ୍ୟା ଦୂର କରିବାର ଲକ୍ଷ୍ୟ ପ୍ରତିଫଳିତ ହୋଇଥାଏ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ତାଙ୍କର ପ୍ରତ୍ୟେକ କାର୍ଯ୍ୟରେ ପ୍ରଖର ରାଷ୍ଟ୍ରବାଦ ଓ ଦେଶପ୍ରେମର ଝଲକ ମିଳେ ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ, ରାଷ୍ଟ୍ର ହିତ ମୋଦୀଜୀଙ୍କ ପାଇଁ ଏକ ସ୍ଲୋଗାନ ନୁହେଁ, ଏହା ତାଙ୍କ ଜୀବନ ପଦ୍ଧତି।ଏକ୍‌ପେଡ୍ ମା କେ ନାମ୍ ଅଭିଯାନ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିବସରେ ୭୫ ଲକ୍ଷ ଗଛ ଲଗାଯାଉଛି। ପ୍ରଧାନମନ୍ତ୍ରୀଙ୍କ ଜୀବନ ତାଙ୍କ ମା'ଙ୍କ ଆଶୀର୍ବାଦରେ ଦେଶସେବା ପାଇଁ ପ୍ରେରିତ ହୋଇଛି। ତେଣୁ, ମା'ର ସମ୍ମାନରେ ଧରିତ୍ରୀ ମାତାର ସୁରକ୍ଷା ପାଇଁ ମୋଦୀଜୀ ଏହି ଅଭିଯାନ ଆରମ୍ଭ କରିଛନ୍ତି। ତେଣୁ, ଆଜି ଦିନଟି ଉଭୟ ମା' ଓ ଧରିତ୍ରୀ ମା ପାଇଁ ସମର୍ପିତ ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ। ଓଡିଶାର ବିକାଶ ପାଇଁ ମୋଦୀଜୀଙ୍କର ସ୍ୱତନ୍ତ୍ର ଦୃଷ୍ଟି ରହିଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗତ ବର୍ଷ ଆଜିର ଦିନରେ ସେ ଓଡିଶା ଆସିଥିଲେ ଏବଂ ଆମର ମା'ମାନଙ୍କ ପାଇଁ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଥିଲେ । ସୁଭଦ୍ରା ଯୋଜନା ଆଜି ଓଡିଶାର କୋଟିଏ ମା'ଙ୍କ ପାଇଁ ଆର୍ଥିକ ସଶକ୍ତିକରଣର ଏକ ପ୍ରମୁଖ ଅସ୍ତ୍ର ହୋଇଛି। ଆଉ ଆଜି ମଧ୍ୟ ମାନ୍ୟବର ପ୍ରଧାନମନ୍ତ୍ରୀ ମା'ମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଏକ ବୈପ୍ଳବିକ ଅଭିଯାନ ଆରମ୍ଭ କରୁଛନ୍ତି- ସୁସ୍ଥ ନାରୀ, ସଶକ୍ତ ପରିବାର । ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଦିବସ, ଜନ୍ମଦାତ୍ରୀ ମା ଓ ଧରିତ୍ରୀ ମାତାର ସୁରକ୍ଷା ପାଇଁ ଏକ ସଂକଳ୍ପର ଦିନ ହୋଇଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗତ ବର୍ଷ ଆରମ୍ଭ ହୋଇଥିବା ଏକ୍ ପେଡ୍ ମା କେ ନାମ୍ ଅଭିଯାନରେ ଓଡିଶାରେ ୬.୭୨ କୋଟି ଗଛ ଲଗାଯାଇଥିଲା ଏବଂ ଓଡିଶା ସାରା ଦେଶରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ଏବର୍ଷ ଏହି ଅଭିଯାନର ଦ୍ୱିତୀୟ ସଂସ୍କରଣରେ ୭.୫ କୋଟି ଗଛ ଲଗାଇବା ପାଇଁ ନିଷ୍ପତ୍ତି କରାଯାଇଛି। ଆଜି ସୁଦ୍ଧା ପ୍ରାୟ ୬ କୋଟିରୁ ଅଧିକ ଗଛ ଲଗାଯାଇ ସାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଆଜି ସକାଳ ୫ ଟାରୁ ଏହା ଆରମ୍ଭ ହୋଇଛି ଏବଂ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଏହା ଚାଲିବ ଓ ମେରୀ ଲାଇଫ ପୋର୍ଟାଲରେ ସମସ୍ତ ଫଟୋ ଅପଲୋଡ ହେବ। ୭୫ ଲକ୍ଷ ଚାରା ରୋପଣର ଏହି ନିଆରା ଓ ବିରଳ ରେକର୍ଡ ସ୍ଥାପନ ହେବା ପଛରେ ପ୍ରାୟ ଦେଢ ମାସର ଅକ୍ଳାନ୍ତ ପରିଶ୍ରମ ପାଇଁ ସେ ସମସ୍ତଙ୍କୁ ଅଭିନନ୍ଦନ ଓ ଧନ୍ୟବାଦ ଜଣାଉଛି। ଆଜିର ୭୫ ଲକ୍ଷ ଗଛ ଲଗାଇବା କାର୍ଯ୍ୟକ୍ରମରେ ରାଜ୍ୟର ପ୍ରାୟ ୪୦ ହଜାର ଉଚ୍ଚ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୫ ଲକ୍ଷ ଛାତ୍ରଛାତ୍ରୀ, ୧ ହଜାର କଲେଜର ୧ ଲକ୍ଷ ଛାତ୍ରଛାତ୍ରୀ ଅତି ଉତ୍ସାହର ସହ ରୋପଣରେ ସାମିଲ ହୋଇଛନ୍ତି ।

## ଯାତ୍ରୀଙ୍କ ମୁଣ୍ଡ ଫଟାଇଲେ ଆମ ବସ୍ କର୍ମଚାରୀ

ଭୁବନେଶ୍ୱର,୧୮।୯(ନି.ପ୍ର): ଆମ ବସ୍ କର୍ମଚାରୀଙ୍କ ଦାଦାଗିରି । ଯୁକ୍ତିତର୍କରୁ ଯାତ୍ରୀଙ୍କୁ ନିର୍ଘୃମ ଛେଚିବା ସହ ମୁଣ୍ଡ ଫଟାଇଛନ୍ତି ଆମ ବସ୍ କଣ୍ଡକ୍ଟର। ଓଡି୩୩ଇଏଏଚ୍୧୬୬ ଗାଡି ରେ ଘଟିଛି ଏହି ଘଟଣା । ପରେ ଏହି ଘଟଣାରେ କ୍ୟାପିଟାଲ ରିଜନ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ) କାର୍ଯ୍ୟାନୁଷ୍ଠାନ ନେଇଛି। ମାଡ଼ ମାରିଥିବା କଣ୍ଡକ୍ଟରକୁ କ୍ରୁଟ ନିଲମ୍ବନ କରିଛି। ଏଥି ସହିତ ଏହି ଘଟଣାକୁ ନେଇ କ୍ରୁଟ ଦୁଃଖ ପ୍ରକାଶ କରିଛି।

କ୍ରୁଟ କହିଛି ଯେ, ଆଜିର ୨୮ ନମ୍ବର ରୁଟ୍ ଆମ ବସ୍‌ଷ୍ଟପ୍‌ରେ ଘଟିଥିବା ଘଟଣାକୁ ନେଇ କ୍ରୁଟ୍ ଅତ୍ୟନ୍ତ ଦୁଃଖିତ। ବସ୍‌ରେ ଯାତ୍ରା କରୁଥିବା ଜଣେ ଯାତ୍ରୀ ପାଇବାକୁ ଥିବା ଅବଶିଷ୍ଟ ଟିକେଟ୍ ମୂଲ୍ୟକୁ ନେଇ ଗାଇଡ୍ ସହିତ ବଚସା ଆରମ୍ଭ ହୋଇଥିଲା। ପରେ ଏହା ମାରପିଟ୍ ଆଡ଼କୁ ଗତି କରିଥିଲା।

ୟୁନିଟ୍ ୮ ନିକଟରେ ଘଟିଥିବା ଏଭଳି ଘଟଣା ପରେ ଦାୟିତ୍ୱରେ ଥିବା ଗାଇଡ୍ କୁ ତୁରନ୍ତ ଚାକିରିରୁ ବହିଷ୍କାର କରାଯାଇଛି। ଏନେଇ ରେଭିନ୍ୟୁ କଲେକ୍ସନ୍ ଏଜେନ୍ସି (ଆରସିଏ) ପକ୍ଷରୁ ସ୍ଥାନୀୟ ପୁଲିସ୍ ଷ୍ଟେସନ୍ ରେ ପ୍ରାଥମିକ ସୂଚନା ରିପୋର୍ଟ ପ୍ରଦାନ କରାଯାଇଛି। କ୍ରୁଟ୍ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଏହା ଉପରେ ଅଧିକ ତଦନ୍ତ ଜାରି ରଖିଛନ୍ତି। ୟୁନିଟ ୮ ମାର୍କେଟ ପାଖରେ ଥିବା ବସ ଷ୍ଟପରେ ଯାତ୍ରୀ ଜଣଙ୍କ ବସକୁ ଚଢିଥିବା ବେଳେ ଗଭର୍ଣ୍ଣର ହାଉସ୍ ଛକକୁ ଆସୁଥିଲେ ହେଲେ କଣ୍ଡକ୍ଟର୍ ଙ୍କ ସହିତ ଯୁକ୍ତିତର୍କ ହୋଇଥିଲା। କଣ୍ଡକ୍ଟର ରାଗିଯାଇ ଯାତ୍ରୀଙ୍କୁ ବସ୍ ବାହାରକୁ ବାହାର କରି ଦେବା ସହିତ ଶକ୍ତ ଚାପୁଡ଼ା ମାରିଥିଲେ।ଏହାସହ ରାସ୍ତା କଡରେ ତାର ଜାଲି ରେ ପକାଇ ମାରିବାରୁ ବ୍ୟକ୍ତିଙ୍କ ମୁଣ୍ଡ ଫାଟି ଯାଇଥିଲା। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ହସ୍ପିଟାଲ କୁ ନେଇଛନ୍ତି। ସେପଟେ ବସ କଣ୍ଡକ୍ଟର କହିବା ଅନୁଯାୟୀ ଯାତ୍ରୀ ଜଣଙ୍କ ନିଶା ଖାଇଛନ୍ତି।

## ଶିଳ୍ପସଂସ୍ଥାଙ୍କ ଉପରେ ୩୭୯୭ କୋଟିର ଜଳକର ବାକି

ଭୁବନେଶ୍ୱର ,୧୮।୯(ନି.ପ୍ର): ରାଜ୍ୟର ବିଭିନ୍ନ ନଦୀରୁ ଜଳ ନେଇ କାରଖାନା ଚଳାଇବା ସହିତ ଅନ୍ୟାନ୍ୟ କାର୍ଯ୍ୟରେ ଲଗାଇଥିବା ଶିଳ୍ପସଂସ୍ଥାଗୁଡିକ ଉପରେ ୩୭୯୭ କୋଟି ଟଙ୍କାର ଜଳକର ଅନାଦେୟ ରହିଛି । ବିଧାନସଭାରେ ବିଜପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତରରେ ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

ମୁଖ୍ୟମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି ଯେ ୫୦ଗୋଟି ସଂସ୍ଥା ମହାନଦୀରୁ ଜଳ ନେଉଛନ୍ତି । ଏମାନେ ନେଉଥିବା ପ୍ରାୟ ୫୦୦ କ୍ୟୁସେକ ଜଳ ମଧ୍ୟରୁ ୪୪୬ କ୍ୟୁସେକ ଜଳ ବ୍ୟବହାର କରୁଛନ୍ତି । ତେବେ ଜଳ ନେଇଥିବା ସଂସ୍ଥାଗୁଡିକ ମଧ୍ୟରୁ କେତେକଙ୍କ ଉପରେ ୯୬୨ କୋଟି ୭୮ ଲକ୍ଷ ଟଙ୍କାର ଜଳକର ବାକି ପଡିଛି । ମହାନଦୀରୁ ଜଳ ନେଇ ବାକିଆ ଗଡୁଥିବା ସଂସ୍ଥା ମଧ୍ୟରେ ସମ୍ବଲପୁର ସ୍ଥିତ ଭୂଷଣ ପାଓ୍ୱାର ଓ ଷ୍ଟିଲ ଉପରେ ୨୪୪ କୋଟି ଟଙ୍କା ଥିବାବେଳେ, ପାରାଦୀପ ଠାରେ ଥିବା ଆର୍ସେଲର ମିତ୍ତଲ ନିପ୍ପନ ଉପରେ ୧୦୮ କୋଟି, ଝାରସୁଗୁଡାରେ ଥିବା ଓପିଜିସି ଉପରେ ୨୫ କୋଟି, ପିପିଏଲ ଉପରେ ୪୫ କୋଟି, ସମ୍ବଲପୁର ଠାରେ ଥିବା ଭିରାଜ ଷ୍ଟିଲ ଉପରେ ୯୮ କୋଟି, ଝାରସୁଗୁଡାର ବି ଆର ଷ୍ଟିଲ ଆଣ୍ଡ ପାଓ୍ୱାର ୨୨ କୋଟି ଟଙ୍କାର ଜଳକର ବାକି ରଖିଛି ।

ସେହିଭଳି ବୈତରଣୀରୁ ଜଳ ନେଇଥିବା ୧୭ଟି କମ୍ପାନୀ ମଧ୍ୟରୁ ୩ଟି କମ୍ପାନୀ ଉପରେ ୧ କୋଟିରୁ ସାମାନ୍ୟ ଅଧିକ ଜଳକର ଥିବାବେଳେ ବ୍ରାହ୍ମଣୀରୁ ପାଣି ନେଇଥିବା ୪୯ଟି ମଧ୍ୟରୁ ଅଧିକାଂଶ ଜଳକର ବାକି ରଖିଛନ୍ତି । ସେମାନଙ୍କ ଉପରେ ୮୨୨ କୋଟି ଟଙ୍କାରୁ ଅଧିକ ଜଳକର ବାକି ପଡିଛି । ଇନ୍ଦ୍ରାବତୀରୁ ଜଳ ନେଇଥିବା ଦୁଇଟି କମ୍ପାନୀ ଉପରେ ୯ କୋଟି ଟଙ୍କାର ଜଳକର ବାକିଆ ଥିବାବେଳେ କୋଲାବରୁ ଜଳ ନେଇଥିବା କମ୍ପାନୀ ଉପରେ ୧୫୦୯ କୋଟି, ନାଗାବଳୀରୁ ଜଳ ନେଇଥିବା କମ୍ପାନୀ ଉପରେ ୪୯୦ କୋଟି, ଋଷିକୂଲ୍ୟାରୁ ଜଳ ନେଇଥିବା କମ୍ପାନୀ ଉପରେ ୨କୋଟିରୁ ଅଧିକ ବାକିଆ ଗଡୁଛି । ମୁଖ୍ୟମନ୍ତ୍ରୀ ଆହୁରି ଦର୍ଶାଇଛନ୍ତି ଯେ ଜଳବାୟୁ ପରିବର୍ତ୍ତନ ହେତୁ ଜଳ ପ୍ରବାହରେ ଅନିୟମିତତା ପରିଲକ୍ଷିତ ହେଉଛି । ଓଡିଶାରେ ଅବବାହିକାରେ ମୁଖ୍ୟତଃ ୧୧ଟି ନଦୀ ପ୍ରବାହିତ ହେଉଥିବାବେଳେ ଏଥିରେ ୭୫ ପ୍ରତିଶତ ନିର୍ଭରଯୋଗ୍ୟ ଜଳ ଅମଳ ଅନୁସାରେ ପ୍ରାୟ ୯୩,୪୧୬ ଏମସିଏମ ଆକଳନ କରାଯାଇଛି । ଏହିସବୁ ନଦୀ ଅବବାହିକାରେ ଥିବା ପ୍ରମୁଖ ନଦୀରୁ ଚାଷ ପାଇଁ ୨୪,୧୪୫ ଏମସିଏମ ଜଳ ବ୍ୟବହାର କରାଯାଉଛି ।